**BABA POLY CLINIC**
NEAR CENTRAL BANK, ASTAL, NAYA BAZAR, BHADRAK, ଯୋଗାଯୋଗ : 9778959141 / 9090785866

| | |
|---|---|
| DR. SABINA KAZI (Cuttack) | (ବରିଷ୍ଠ ମହିଳା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ) ପ୍ରତ୍ୟେକ ଗୁରୁବାର ୧୧ଟାରୁ ଦିବା ୨ଟା |
| DR. MANAS RANJAN PUHAN (BBSR) | (ବରିଷ୍ଠ ଚର୍ମ ରୋଗ ବିଶେଷଜ୍ଞ) ପ୍ରତ୍ୟେକ ଶୁକ୍ରବାର ସକାଳ ୮ଟାରୁ ଦିବା ୧ଘଟିକା |
| DR. DIPTI BEHERA | (ବରିଷ୍ଠ ଚର୍ମ ରୋଗ ବିଶେଷଜ୍ଞ) ପରାମର୍ଶ ସମୟ:ପ୍ରତ୍ୟେକ ଦିନ ୧୨ଟା ରୁ ୧ଟା |
| DR. L.K. DAS (Cuttack) | (ବରିଷ୍ଠ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ) ପରାମର୍ଶ ସମୟ:ପ୍ରତ୍ୟେକ ସପ୍ତାହ ଶନି, ରବି, ସୋମ ଏବଂ ମଙ୍ଗଳବାର (ସକାଳ ୧୦-୧ଟା) |
| DR. DEBAKANTA MISHRA (BBSR) | (ପେଟ ଓ ଲିଭର ବିଶେଷଜ୍ଞ), ପରାମର୍ଶ ସମୟ:ପ୍ରତ୍ୟେକ ମାସ ୨ୟ ଓ ୪ର୍ଥ ରବିବାର (ସକାଳ ୧୦-୧ଟା) |
| DR. AJIT KUMAR KAR (Cuttack) | (ଅସ୍ଥି ଶଲ୍ୟ ବିଷେଶଜ୍ଞ) ପରାମର୍ଶ ସମୟ:ପ୍ରତ୍ୟେକ ବୁଧବାର ସକାଳ ୧ଟା ରୁ ୨ଟା |

## ନକଲି ସାର୍ଟିଫିକେଟରେ ଷ୍ଟାଇପେଣ୍ଡ ଲୁଟ୍ ଘଟଣା

# ୩ କର୍ମଚାରୀଙ୍କୁ ବହିଷ୍କାର

**ଧରିତ୍ରୀ ପ୍ରଭାବ**

ଭଦ୍ରକ ଅଫିସ, ୨୧।୧୨

ଭଦ୍ରକ ଜିଲାରେ ନକଲି ସାର୍ଟିଫିକେଟ ଦେଇ କୋଟି କୋଟି ଟଙ୍କା ଷ୍ଟାଇପେଣ୍ଡ ଲୁଟ୍ ଘଟଣାରେ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର ୩ କର୍ମଚାରୀଙ୍କୁ ଶୁକ୍ରବାର ବହିଷ୍କାର କରାଯାଇଥିବା ସୂଚନା ମିଳିଛି। ଏହି ୩ କର୍ମଚାରୀ ଆଉଟ୍‌ସୋର୍ସିଂ ଏଜେନ୍ସି ମାଧମରେ କାମ କରୁଥିଲେ। ଏଣୁ ସମ୍ପୃକ୍ତ ଏଜେନ୍ସିକୁ ୩ କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପାଇଁ ଜିଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ଜେନା ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଷ୍ଟାଇପେଣ୍ଡ କୋର୍ଡିନେଟର ଭାରତୀ ମହାପାତ୍ର, ଡାଟାଏଣ୍ଟ୍ରି ଅପରେଟର ବିକାଶ କୁମାର ହୋତା ଓ ଭଜନ ବିନ୍ଧାଣୀଙ୍କୁ କାର୍ଯ୍ୟରୁ ଅନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏକ ଇଞ୍ଜିନିୟରିଂ କଲେଜକୁ ମଧ୍ୟ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହାଛଡ଼ା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଭିଜିଲାନ୍ସକୁ ଅନୁରୋଧ କରାଯାଇଛି। ତଦନ୍ତ ସମୟରେ ଷ୍ଟାଇପେଣ୍ଡ ଟଙ୍କା ପାଉଥିବା ଛାତ୍ରୀଛାତ୍ରଙ୍କ ପାଖରେ ବ୍ୟାଙ୍କ ପାସ୍‌ବୁକ ନ ରହିବା, ମିଥ୍ୟା ଜାତିଗତ ସାର୍ଟିଫିକେଟ୍ ପ୍ରଦାନ, ଉତ୍ତୀର୍ଣ୍ଣ ବୟସ୍କଙ୍କୁ ଛାତ୍ର ଭାବେ ଗ୍ରହଣ କରିବା, ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କଠାରୁ ଖାଦ୍ୟପେୟ ବାବଦରେ ଅର୍ଥ ନେବା, ଏହି ଛାତ୍ରୀଛାତ୍ରଙ୍କଠାରୁ ଚେକ୍‌ବୁକ୍‌ରେ ଅଗ୍ରିମ ଦସ୍ତଖତ ନେବା ଆଦି ବହୁ ଜାଲିଆତି ସମ୍ପର୍କରେ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ସୂଚନା ମିଳିଛି।

# ବେଆଇନ ମୋରମ ଉତ୍ତୋଳନ, ୨.୫୫ଲକ୍ଷ ଜରିମାନା

ବସ୍ତା, ୨୧।୧୨(ସ୍ୱ.ପ୍ର.)

ବସ୍ତା ତହସିଲ ଅନ୍ତର୍ଗତ ଲଛମନଖୁଣ୍ଟାରେ ୫.୯୪ ଏକର ଜମିରୁ ବେଆଇନ ଭାବେ ମୋରମ ଉତ୍ତୋଳନ କରାଯିବା ଅଭିଯୋଗରେ ଜମି ମାଲିକଙ୍କଠାରୁ ୨ଲକ୍ଷ ୫୫ହଜାର ୧୬୬ଟଙ୍କା ଜରିମାନା ଆଦାୟ ହୋଇଛି। ରାଜସ୍ୱ ବିଭାଗ ସୂତ୍ରରୁ ପ୍ରକାଶ ଯେ ଏହି ମୌଜାରେ ପଶ୍ଚିମବଙ୍ଗ ଝାଡ଼ଗ୍ରାମର ବାଛୁରୁ ଡୋଭା ନିବାସୀ ଦିଲୀପ ଦତ୍ତଙ୍କ ସମେତ ୯ ଜଣଙ୍କ ନାମରେ ଥିବା ଏହି ଜମିରୁ ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରି ରୀତିମତ ମୋରମ ଖନନ ହେବା ସମ୍ପର୍କରେ ଗ୍ରାମବାସୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗତବର୍ଷ ସେଠାରେ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ୧୪୪ ଧାରା ଜାରି ହୋଇଥିଲା। ଉକ୍ତ ଜମିକୁ ବିକି ଦେଇ ମାମଲାରୁ ମୁକ୍ତ ହେବା ପାଇଁ ଜମି ମାଲିକଙ୍କ ପକ୍ଷରୁ ମସୁଧା ହେଉଥିବା ବେଳେ ତହସିଲଦାର ନରେନ୍ଦ୍ର ଖମାରୀ ଖମାରୀ ଦଣ୍ଡ ସ୍ୱରୂପ ଜରିମାନା ଧାର୍ଯ୍ୟ କରିଥିଲେ। ଶୁକ୍ରବାର ଜମି ମାଲିକ ତହସିଲଦାର ଖମାରୀ ଓ ନାଜର ଶିବ ସୁନ୍ଦର ଦତ୍ତଙ୍କଠାରେ ଜରିମାନା ପୈଠ କରିଛନ୍ତି।


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ଭାଗୀରଥି ବଳ**
୧୮ ନଂ. ଜୋନ୍ ଜିଲା ପରିଷଦ ସଭ୍ୟାଙ୍କର ପ୍ରତିନିଧି


ଓଡ଼ିଶାର ସବୁଠାରୁ ବେଶି ଲୋକପ୍ରିୟ ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହାହିଁ ମୋର କାମନା।
**କିଶୋର କିଙ୍କର ପଢିଆରୀ**
ସରପଞ୍ଚ, ଓଡଙ୍ଗ ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ଦିଲ୍ଲୀପ କୁମାର ମହାନ୍ତି**
ଏ କ୍ଲାସ୍ କଣ୍ଟ୍ରାକ୍ଟର, ଅଣ୍ଡରାଇ, ସିମୁଳିଆ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ବିଷ୍ଣୁ ବ୍ରତ ରାଉତରାୟ**
ବିଧାୟକ, ବାସୁଦେବପୁର, ଭଦ୍ରକ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ଅଶ୍ୱିନୀ କୁମାର ସାହୁ**
ଅଧକ୍ଷ, ନବଘନ ଡିଗ୍ରୀ ମହାବିଦ୍ୟାଳୟ, କରଞ୍ଜଆଡ଼ିଆ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ଗଣେଶ୍ୱର ପ୍ରଧାନ**
ଥାନାଧିକାରୀ, ପୁରୁଣାବଜାର, ଭଦ୍ରକ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ଧର୍ମନାରାୟଣ ଜେନା**
ସମ୍ପାଦକ, ମାଟିପକା ସେବା ସମବାୟ ସମିତି, ଲକ୍ଷ୍ମୀଦାସପୁର


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ହରିହର ଶିଅଳ**
ସରପଞ୍ଚ, ବ୍ରହ୍ମଣଗାଁ ଗ୍ରାମପଞ୍ଚାୟତ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ଦୋଳଗୋବିନ୍ଦ ଶଙ୍ଖୁଆ**
ସଭାପତି, ବ୍ରାହ୍ମଣଗାଁ ସେବା ସମବାୟ ସମିତି


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ନିବେଦିତା ମହାନ୍ତି**
ସମିତିସଭ୍ୟା, ବିଦେଇପୁର ପଞ୍ଚାୟତ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ଗଣେଶ ପ୍ରସାଦ ମଲ୍ଲିକ**
ସରପଞ୍ଚ, ଗୋରାମାଟି ଗ୍ରାମ ପଞ୍ଚାୟତ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ଗୌତମ ପ୍ରସାଦ ଧଳ**
ସମ୍ପାଦକ, ବାସୁଦେବପୁର ବାର୍ ଆସୋସିଏଶନ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ଉମେଶ କୁମାର ପଲେଇ**
ହୋଟେଲ ରାଧିକା, ବାସୁଦେବପୁର


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ମାମିନା ମିଶ୍ର**
ସରପଞ୍ଚ ଗୋବିନ୍ଦପୁର ପଞ୍ଚାୟତ, ବାସୁଦେବପୁର, ଭଦ୍ରକ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ଶଶିକାନ୍ତ ବେହେରା**
ସଭାପତି, ଯୁବ କଂଗ୍ରେସ, ସାବରଙ୍ଗ ଗ୍ରାମପଞ୍ଚାୟତ, ଭଦ୍ରକ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ବୁଧିରାମ ସେଠୀ**
ସରପଞ୍ଚ, ଲକ୍ଷ୍ମୀଦାସପୁର ପଞ୍ଚାୟତ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ଇନ୍ସପେକ୍ଟର ଉମାଶଙ୍କର ନାୟକ**
ଥାନାଧିକାରୀ, ନାୟକାଣିଡିହୀ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ପୁରୁଷୋତ୍ତମ ବାରିକ**
ସଭାପତି, ମାଟିପକା ସେବା ସମବାୟ ସମିତି, ଲକ୍ଷ୍ମୀଦାସପୁର


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ରତିକାନ୍ତ ରାଉତ**
ସମ୍ପାଦକ, ବିଦେଇପୁର ସେବା ସମବାୟ ସମିତି


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ଦାଶରଥି ପାଣିଗ୍ରାହୀ**
ସମ୍ପାଦକ, ବ୍ରାହ୍ମଣଗାଁ ସେବା ସମବାୟ ସମିତି

"ADOPT A CHILD ONLY LEGALLY"
(କେବଳ ଆଇନସିଦ୍ଧ ଭାବେ ପୋଷ୍ୟ ସନ୍ତାନ ଗ୍ରହଣ କରନ୍ତୁ)
ପୋଷ୍ୟ ସନ୍ତାନ ଗ୍ରହଣ, ସ୍ନେହ ଓ ବନ୍ଧନର ପ୍ରତୀକ ଅଟେ । ଏଥି ନିମନ୍ତେ www.cara.nic.in ରେ ପଞ୍ଜୀକରଣ କରନ୍ତୁ ଏବଂ ଅଧିକ ବିବରଣୀ ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ ।
**ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଭଦ୍ରକ**
Email : dcpo.bhadrak.od@nic.in
Phone : 06784-250185 / 251185


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ନରହରି ମାଝୀ**
ସମ୍ପାଦକ, ନାୟକାଣିଡିହୀ ସେବା ସମବାୟ ସମିତି


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ରାଜେନ୍ଦ୍ର କୁମାର ନାୟକ**
ମୁଖ୍ୟପରିଚାଳକ, ସିମ୍ଫଲ ଫୁଡସ୍ ପ୍ରାଇଭେଟ୍ ଲିମିଟେଡ୍, ପାରାପୋଖରୀ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
**ମାମିନା ଖିଲାର**
ସରପଞ୍ଚ, ଆନ୍ଦୋଳା ପଞ୍ଚାୟତ

## ସଂକ୍ଷେପରେ

### ପୋଖରୀରୁ ମିଳିଲା ନିଖୋଜ ବୃଦ୍ଧାଙ୍କ ମୃତଦେହ

**ଭଣ୍ଡାରିପୋଖରୀ, ୨୧।୧୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ତେସିଙ୍ଗା ପଞ୍ଚାୟତ କୁଲଣା ସ୍କୁଲ ନିକଟସ୍ଥ ଏକ ପୋଖରୀରୁ ଶନିବାର ଅପରାହ୍ନରେ ବିଶୋଳ ଗ୍ରାମର ଯୋଡ଼ି ଯେନା ନାମ୍ନୀ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖବର ପାଇ ଭଣ୍ଡାରିପୋଖରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ନ ୩ଟାରୁ ମୃତା ଯୋଡ଼ି ଘରୁ ନିଖୋଜ ଥିଲେ। ଶନିବାର ଅପରାହ୍ନରେ ଏକ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ପୋଖରୀରୁ ମୃତଦେହ ବାହାର କରିବା ପରେ ଚିହ୍ନଟ ହୋଇଥିଲା। ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ କରାଯାଇ ନାହିଁ।

### ତହସିଲଦାରଙ୍କ ଚଢ଼ାଉ, ୨ ଗାଡ଼ି ଜବତ

**ସଜନାଗଡ଼,୨୧।୧୨(ଡି.ଏନ.ଏ.):** ନୀଳଗିରି ତହସିଲଦାର ସୁଶ୍ରୀତା ଟୁଡୁ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏକ ଚୋରା ମୋରମ ବୋଝେଇ ଟ୍ରକ୍ (ନଂ. ଓଡି଼୦୧ଡ଼ବ୍ଲୁ-୭୫୧୨) ଏବଂ ଏକ ମେଟାଲ ବୋଝେଇ ଟ୍ରାକ୍ଟର (ନଂ. ଓଡି଼୦୧ଇ-୫୬୧୯)କୁ ଜବତ କରିଛନ୍ତି। ଉକ୍ତ ଦୁଇ ଗାଡିକୁ ବରହମପୁର ଥାନା ଓ ଅଯୋଧ୍ୟା ଫାଣ୍ଡିରେ ରଖାଯାଇଛି।

### ଅବକାରୀ ଚଢ଼ାଉ: ୫ ଗିରଫ

**ବସ୍ତା/ବାଲିଆପାଳ,୨୧।୧୨(ସ୍ୱ.ପ୍ର./ଡି.ଏନ.ଏ.):** ବାଲେଶ୍ୱର ଜିଲାର ବସ୍ତା ଅବକାରୀ ବିଭାଗ ପକ୍ଷରୁ ବସ୍ତା ଏବଂ ବାଲିଆପାଳ ବ୍ଲକର ବିଭିନ୍ନ ଅଞ୍ଚଳରେ ଶନିବାର ଚଢ଼ାଉ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇଛି। ବିଭାଗୀୟ ଜିଲା ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ପରାମର୍ଶକ୍ରମେ ଜିଲା ଭ୍ରାମ୍ୟମାଣ ନିରୀକ୍ଷକ ଉଦେଲାଲ ନାୟକ, ବସ୍ତା ଅବକାରୀ ଅଧିକାରୀ ଆମ୍ପା ମାରାଣ୍ଡି,ଏସ୍ଆଇ ଚନ୍ଦ୍ର ମୋହନ ସେଠୀ ପ୍ରମୁଖ ସଦଳବଳେ ଚଢାଉ କରିଥିଲେ। ଗିରଫ ଯୁବକମାନେ ହେଲେ ବାଲିବିଲ ଗ୍ରାମର କାର୍ତ୍ତିକ ଜେନା, କମଳାକାନ୍ତ ସେଠୀ, ଗୋଟାମଳିର ସଞ୍ଜିତ କୁମାର ଜେନା, ଡଗରାର କାଳୀଚରଣ ଜେନା ଓ ପଥୁରିଆର ଚନ୍ଦନ ରାମ। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ଗ୍ୟାସ୍ ଟାଙ୍କି ଫାଟି ଅଗ୍ନିକାଣ୍ଡ

**ପଦ୍ମପୁର, ୨୧।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁର ପଞ୍ଚାୟତ ଶ୍ରୀବତ୍ସପୁର ଗ୍ରାମର କାର୍ତ୍ତିକ ଚନ୍ଦ୍ର ନାୟକଙ୍କ ଘରେ ଶନିବାର ଅପରାହ୍ନରେ ଗ୍ୟାସ୍ ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟିଛି। ଏଥିରେ ୬ ବଖରା ଘର ଜଳିଯାଇଛି। ସୂଚନା ଅନୁଯାୟୀ, କାର୍ତ୍ତିକଙ୍କ ରୋଷେଇ ଘରେ ଚା ତିଆରି କରାଯାଉଥିବା ବେଳେ ଗ୍ୟାସ୍ ଟାଙ୍କି ଫାଟି ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡରେ କାର୍ତ୍ତିକ, ତାଙ୍କ ଭାଇ ଛାୟାକାନ୍ତ, ହେମନ୍ତ ଓ ପୁତୁରା ସୂର୍ଯ୍ୟକାନ୍ତଙ୍କ ବାସଗୃହ ସମେତ ରୋଷେଇ ଘର ଓ ଗୁହାଳ ପୋଡ଼ିଯାଇଛି। ଖବର ପାଇ ବାସୁଦେବପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନାୟକାଣିଡିହୀ ଥାନା ଏସ୍ଆଇ ନୀରଦ କୁମାର ମଲ୍ଲିକ ଓ ବାଲିମେଦ ରାଜସ୍ୱ ନିରୀକ୍ଷକ ରବୀନ୍ଦ୍ର କୁମାର ପ୍ରଧାନ ସେଠାକୁ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି।

## ଅମୁନି ହାତୀ ଉପଦ୍ରବ
# ରାସ୍ତା ଅବରୋଧ କଲେ ଗ୍ରାମବାସୀ

**ଠାକୁରମୁଣ୍ଡା,୨୧।୧୨ (ଡି.ଏନ.ଏ.)**

କେନ୍ଦୁଝର ଜିଲା କରଞ୍ଜିଆ ବନଖଣ୍ଡ ଅଞ୍ଚଳର ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଲାଗି ରହିଛି। ରାତି ହେଲେ ହାତୀପଲ ଜଙ୍ଗଲ ତଳି ଇଲାକାର ବିଭିନ୍ନ ଗ୍ରାମରେ ପଶି ଫସଲ ଉଜାଡୁଛନ୍ତି। ବନ କର୍ମଚାରୀ ହାତୀପଲକୁ ଘଉଡାଇବାରେ ସଫଳ ହେଉ ନ ଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ହାତୀପଲ ବଳା ପଞ୍ଚାୟତ ଅନ୍ତର୍ଗତ ଡିଆଯୋଡି ଗ୍ରାମରେ ପଶି ୨ବଖରା ଘର ଭାଙ୍ଗି ଧାନଚାଉଳ ଖାଇଯାଇଥିଲେ। ହାତୀ ଉପଦ୍ରବ



ଆନ୍ଦୋଳନକାରୀ ଗ୍ରାମବାସୀ ରାସ୍ତା ଉପରେ ବସି ରହିଛନ୍ତି।

ଯୋଗୁ ପ୍ରଭାବିତ ହେଉଥିବା ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ଦାବିରେ ଶନିବାର ଗ୍ରାମବାସୀ କରଞ୍ଜିଆ-ସିଙ୍ଗିଡା ରାସ୍ତାକୁ ଅନ୍ଧାରଝରି ଠାରେ ଅବରୋଧ କରିଥିଲେ। ଗ୍ରାମବାସୀ ଦର୍ଶାଇଥିଲେ ଯେ ଏହି ଗ୍ରାମର ଅଜିତ ବେହେରାଙ୍କ ଘରକୁ ଗତବର୍ଷ ହାତୀ ଭାଙ୍ଗି ଦେଇଥିଲେ। ସେମାନେ ପୁନଶ୍ଚ ଶୁକ୍ରବାର ତାଙ୍କ ଘରକୁ ଭାଙ୍ଗି ଦେଇଛନ୍ତି। ହାତୀ ଘର ଭାଙ୍ଗି ଫସଲ ଉଜାଡୁଥିବାରୁ ତତ୍କାଳ କ୍ଷତିପୂରଣ ଦେବା ଏବଂ ହାତୀପଲକୁ ଘଉଡାଇବା ଦାବି କରି ଗ୍ରାମବାସୀ ରାସ୍ତାକୁ ଅବରୋଧ କରିବାରୁ ଗାଡିଚାଳଚଳ ବନ୍ଦ ହୋଇ ଯାଇଥିଲା। ଖବର ପାଇ କରଞ୍ଜିଆ ଥାନା ପୋଲିସ, କରଞ୍ଜିଆ ରେଞ୍ଜର କିଶୋର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ହାତୀପଲ ଘର ଭାଙ୍ଗିବା ଘଟଣାରେ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବାରୁ ଲୋକେ ରାସ୍ତା ଅବରୋଧରୁ ଓହରିଥିଲେ।

# ଉର୍ସ ପ୍ରସ୍ତୁତି ସମୀକ୍ଷା କଲେ ଜିଲାପାଳ
## ପଲିଥିନ ବ୍ୟବହାର ଉପରେ କଟକଣା

**ଧାମନଗର, ୨୧।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ଖାନକା ପରିସରରେ ଆସନ୍ତା ଜାନୁୟାରୀ ୧ ତାରିଖରୁ ଆରମ୍ଭ ହେବ ଜାତୀୟସ୍ତରୀୟ ପୀରବାବାଙ୍କ ଉର୍ସ ଉତ୍ସବ। ଦୁଇଦିନ ବ୍ୟାପୀ ଏହି ଉତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଶନିବାର ଜିଲା ପ୍ରଶାସନ ପକ୍ଷରୁ ଖାନକା ପରିସରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଯୋଗଦେଇ ଉର୍ସ ଉତ୍ସବ ପ୍ରସ୍ତୁତି ସମୀକ୍ଷା କରିଥିଲେ। ଅସମ୍ପୂର୍ଣ୍ଣ ରାସ୍ତା ମରାମତି, ରାସ୍ତାକଡ଼ରେ ଆଲୋକୀକରଣ ବ୍ୟବସ୍ଥା, ଅସ୍ଥାୟୀ ଶୌଚାଳୟ ନିର୍ମାଣ ଓ ବିଦ୍ୟୁତ୍ ଯୋଗାଣ ଉପରେ କ'ଣ କାର୍ଯ୍ୟ ହୋଇଛି ସେ ସମୀକ୍ଷା କରିବା ସହିତ ନୂଆବର୍ଷ ପାଳନ ପାଇଁ ହଜାର ହଜାର ବହିରାଗତ ଭକ୍ତଙ୍କ ଯାତାୟାତ ସୁବିଧା ସକାଶେ ପରିବହନ ବିଭାଗକୁ ସଜାଗ ରହିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ପ୍ରଶାସନର ସମସ୍ତ କର୍ମଚାରୀଙ୍କୁ ଦୁଇଦିନ ଉପସ୍ଥିତ ରହିବା ଲାଗି ପରାମର୍ଶ ଦେଇଥିଲେ। ଏହାସହିତ ଉତ୍ସବରେ ପଲିଥିନ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ପାଣି ପାଉଚ ଓ ବୋତଲଠାରୁ ଆରମ୍ଭ କରି ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ପାଇଁ ସେ କମିଟି ଏବଂ ପ୍ରଶାସନକୁ ତାଗିଦ୍ କରିଥିଲେ। ଅସମ୍ପୂର୍ଣ୍ଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଏସ୍ପି ବିକାଶ ଦାସ, ଉପଜିଲାପାଳ ପୀତାମ୍ବର ସାମଲ, ଏସ୍ଡିପିଓ ମନୋରଞ୍ଜନ ସାମଲ, ବିଧାୟକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ବିଡିଓ ଦୁର୍ଗାଚରଣ ମୁର୍ମୁ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ଅତିରିକ୍ତ ତହସିଲଦାର ଲଗନଜିତ ବେହେରା, ଅଭୀପ୍ସା ପଟ୍ଟନାୟକଙ୍କ ସହ ବ୍ଲକ ପ୍ରଶାସନିକ ଅଧିକାରୀ ଏବଂ ଉର୍ସ କମିଟି ସଦସ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ



ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଗଞ୍ଜାମ ଦଳ।

**ଭଦ୍ରକ ଅଫିସ, ୨୧।୧୨**

ଭଦ୍ରକ ନେହେରୁ ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ୧୮ଟି ବିଭାଗରେ ୩ଟି ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା। କୃତୀ ଜିଲାର ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀମାନେ ଜାତୀୟସ୍ତରୀୟ ଯୁବ ମହୋତ୍ସବରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି। ଅତିଥି ଭାବେ ଆଇଜି ଦୀପ୍ତେଶ ପଟ୍ଟନାୟକ, ଏମ୍ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ବିଷ୍ଣୁବ୍ରତ ରାଉତରାୟ ଓ ସଞ୍ଜୀବ ମଲ୍ଲିକ, ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ନିବେଦିତା ଆଚାର୍ଯ୍ୟ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସହାୟକ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବାଙ୍ଗିରିପୋଷିକୁ ମିଳିଲା ୧୦୮ ଆମ୍ବୁଲାନ୍ସ ସେବା

**ବାଙ୍ଗିରିପୋଷି,୨୧।୧୨(ଡିଏନଏ)**

ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବହୁଦିନ ପରେ ଶନିବାର ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ପାଇଁ ଏକ ନୂତନ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ଅଧିକାରୀ ଡା.ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ଉପସ୍ଥିତିରେ ୧୦୮ ଆମ୍ବୁଲାନ୍ସ ସେବା ଉଦ୍‌ଘାଟନ କରାଯାଇଥିଲା। ଉଦଘାଟନ ସମୟରେ ୧୦୮ ସେବାର ୩ ଜଲାର ସଂଯୋଜକ ସଞ୍ଜୟ ଜେନା, ମୟୂରଭଞ୍ଜ ଜିଲା ଟିମ ଲିଡର ଅବିନାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ୨୦୧୩ରେ ବାଙ୍ଗିରିପୋଷି ବ୍ଲକକୁ ପ୍ରଥମେ ୧୦୮ ଆମ୍ବୁଲାନ୍ସ ସେବାରେ ସାମିଲ କରାଯାଇଥିଲା। ଗତ ଅଗଷ୍ଟ୨୪ ତାରିଖରୁ ଆମ୍ବୁଲାନ୍ସ ଖରାପ ହୋଇପଡିବାରୁ ଉକ୍ତ ସେବା ବନ୍ଦ ରହିଥିଲା।

# ଦୁର୍ଘଟଣାରେ ମହିଳା ମୃତ

**ରୂପ୍‌ସା,୨୧।୧୨(ଡି.ଏନ.ଏ.)**

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା-ହଳଦୀପଦା ବାଇପାସ୍ ମଝିରେ ଶୁକ୍ରବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରଲିରେ ଯାଉଥିବା ଦମ୍ପତିଙ୍କୁ ଜଣେ ବାଇକ୍ ଆରୋହୀ ଧକ୍କା ଦେବାରୁ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ କୁରାଡ଼ିହା ପଞ୍ଚାୟତ ସାମସରପୁର ଗ୍ରାମର ଛୋଟରାୟ ମାଝିଙ୍କ ପତ୍ନୀ ଗୁରୁବାରୀ (୫୦)।

ଛୋଟରାୟ ଟ୍ରଲିରେ ପତ୍ନୀ ଗୁରୁବାରୀଙ୍କୁ ବସାଇ ଘର ଅଭିମୁଖେ ଯାଉଥିଲେ। ବାଲେଶ୍ୱର ଭାସ୍କରଗଞ୍ଜ ଅଞ୍ଚଳର ଜଣେ ବାଇକ୍ ଆରୋହୀ ରାଜପଥରେ ଟ୍ରଲିକୁ ଧକ୍କା ଦେଇଥିଲେ। ବାଇକ୍ ଆରୋହୀଙ୍କ ସମେତ ମହିଳା ଜଣଙ୍କ ଗୁରୁତର ଆହତ ହୋଇଥିଲେ। ବସ୍ତା ଥାନା ସବ୍‌ଇନ୍ସପେକ୍ଟର ପି.କେ. ପାଣି ପହଞ୍ଚି ରାଜପଥ ଆମ୍ବୁଲାନ୍ସ ଯୋଗେ ଉଭୟ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଗୁରୁବାରୀଙ୍କ ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ବସ୍ତା ଥାନାରେ ପୋଲିସ ଏକ ମାମଲା (ନଂ. ୪୧୯/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଶନିବାର ମୃତ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପୋଲିସ ଉଭୟ ବାଇକ୍ (ନଂ. ଓଡ଼ି୦୧ଏଫ୍-୩୪୨୨) ଓ ଟ୍ରଲିକୁ ନିଜ ହେପାଜତକୁ ନେଇଛି।

# ନାଚ ଗୀତରେ କମ୍ପିଲା ସୁନ୍ଦରପୁର ହାଇସ୍କୁଲ କ୍ୟାମ୍ପସ

**ଖଇରା,୨୧।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁରସ୍ଥିତ ନୀଳସୁନ୍ଦରଜୀଉ ନୋଡାଲ ହାଇସ୍କୁଲ ପରିସରରେ ସାମ୍ବତ୍ସରିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୀନବନ୍ଧୁ ପରିଡା ଏଥିରେ ପୌରୋହିତ୍ୟ କରିଥିଲେ। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକମାନେ ସମୟକୁ ଅପଚୟ ନ କରି ପିଲାମାନଙ୍କ ମଧ୍ୟରେ ଜ୍ଞାନ ସଞ୍ଚାର କଲେ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର ଯୋଗ ଦେଇ ମା'ବାପା ଶିଶୁ ଅବସ୍ଥାରୁ ଯତ୍ନବାନ ହେଲେ ପରବର୍ତ୍ତୀ ସମୟରେ ସେମାନଙ୍କୁ ପଶ୍ଚାତାପ କରିବାକୁ ପଡିବ ନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ମାନସ ମହାପାତ୍ର, ଶିକ୍ଷା କମିଟି ସଭାପତି ବାଲ୍ମିକୀ ନାୟକ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ସୁରଭୀ କୁସୁମ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ, ପରିଚାଳନା କମିଟି ସଭ୍ୟାସଭ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ରାଜସ୍ୱ ଯୁଗ୍ମ ସଚିବଙ୍କ ଚାନ୍ଦବାଲି ଗସ୍ତ

**ଚାନ୍ଦବାଲି,୨୧।୧୨(ଡି.ଏନ.ଏ.)**

ରାଜସ୍ୱ ଯୁଗ୍ମ ସଚିବ ଦିଲୀପ କୁମାର ସାହୁ ୩ ଦିନିଆ ଚାନ୍ଦବାଲି ଗସ୍ତ କରି ଫେରିଛନ୍ତି। ଚାନ୍ଦବାଲି ତହସିଲ, ସବ୍‌ରେଜିଷ୍ଟ୍ରାରଙ୍କ ଅଫିସ, ଚାନ୍ଦବାଲି ଓ ମତୋ ଆର୍‌ଆଇ ଅଫିସ, ଶେଷ ଦିନରେ ଧାମରା ଅତିରିକ୍ତ ତହସିଲଦାରଙ୍କ ଅଫିସ ପରିଦର୍ଶନ କରିଥିଲେ। ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ କେତେକ କାଗଜପତ୍ର ଓ ବିଭିନ୍ନ ରେଜିଷ୍ଟର ତନଖି କରିଥିଲେ। ଚାନ୍ଦବାଲି ତହସିଲ ଓ ଧାମରା ଅତିରିକ୍ତ ତହସିଲଦାରଙ୍କ ଅଫିସରେ ଖାଲି ପଡ଼ିଥିବା କେତେକ ପଦବୀ ପୂରଣ ଦିଗରେ ସେ ପଦକ୍ଷେପ ନେବେ ବୋଲି କହିଥିଲେ। ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ କାମ କରିବାକୁ ସମୀକ୍ଷା ବୈଠକରେ ସେ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ତହସିଲଦାର ସତ୍ୟଜିତ ରାଉତ, ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁ, ପ୍ରଶାନ୍ତ ମହାରଣା, ସୁପରଭାଇଜର ଦାଶରଥୀ ଦାସ ଓ ଶମ୍ଭୁନାଥ ମାଝୀଙ୍କ ସହ ବିଭିନ୍ନ ରାଜସ୍ୱ ସର୍କଲର ଆର୍‌ଆଇ, କର୍ମଚାରୀ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା 'ଭଦ୍ରାୟନୀ'



ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୨୧।୧୨**

ଭଦ୍ରକ ନେହେରୁ ଷ୍ଟାଡିୟମରେ ଶନିବାର ସନ୍ଧ୍ୟାରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା 'ଭଦ୍ରାୟନୀ' ଉଦ୍‌ଘାଟିତ ହୋଇଛି। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ମେଳାରେ ମୋଟ ୨୪୦ଟି ଷ୍ଟଲ ସ୍ଥାନ ପାଇଥିବା ଜଣାପଡ଼ିଛି। ସେଥିମଧ୍ୟରେ ହସ୍ତତନ୍ତ, ହସ୍ତଶିଳ୍ପ, ପୁସ୍ତକ, ଖାଦ୍ୟ ସମେତ ବିଭିନ୍ନ ମହିଳା ସଙ୍ଗଠନ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଷ୍ଟଲ ପଡ଼ିଛି।

# 'ରାଷ୍ଟ୍ରସେବା ଛାତ୍ରୀଛାତ୍ରଙ୍କ ଧ୍ୟେୟ ହେଉ'
## ବୈଶିଙ୍ଗାରେ ୭ ଦିନିଆ ଜାତୀୟ ସେବା ଶିବିର

**ବୈଶିଙ୍ଗା,୨୧।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୭ ଦିନିଆ ଜାତୀୟ ସେବା ଶିବିର ଶନିବାରଠାରୁ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ସେଣ୍ଟ ଜାଭିୟର୍ ହାଇସ୍କୁଲର ସମ୍ପାଦକ ରତନ ଦାଶ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରମିଳା ମିଶ୍ର ମିଳିତ ଭାବେ ପ୍ରଥମେ ଏନ୍ଏସଏସ ପତାକା ଉତ୍ତୋଳନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଏବଂ ଅଧ୍ୟକ୍ଷାଙ୍କ ସମେତ ଅର୍ଥନୀତି ବିଭାଗର ଅଧ୍ୟାପକ ସୁବାସ ଚନ୍ଦ୍ର ମହାପାତ୍ର, ଏନ୍ଏସଏସ ଅଧିକାରୀ ପ୍ରାଧ୍ୟାପକ ବିଷ୍ଣୁ ଚରଣ ବେହେରା ଏବଂ ହରେକୃଷ୍ଣ ବେହେରା, ଖବରଦାତା ଅରୁଣ କୁମାର ଓତା, ସୀତାକାନ୍ତ ବେହେରା , ବିମଳେନ୍ଦୁ ମହାପାତ୍ର ଓ ସଞ୍ଜୀବ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସେବା ଶିବିର ମାଧ୍ୟମରେ ଛାତ୍ରୀଛାତ୍ର ରାଷ୍ଟ୍ରସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ଲକ୍ଷ୍ୟ ଭାବେ ଗ୍ରହଣ କରନ୍ତୁ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଏହାଛଡା ନିଜ ଅଞ୍ଚଳରେ ଜନସାଧାରଣ ପ୍ରତି ମୁହୂର୍ତ୍ତରେ ସାମ୍ନା କରୁଥିବା ସମସ୍ୟାର ସମାଧାନ ଦିଗରେ ସେମାନେ ଉଦ୍ୟମ କରିବା ଦରକାର ବୋଲି କୁହାଯାଇଥିଲା। ଶେଷରେ ଛାତ୍ର ବାଦଲ ସିଂ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ପୂର୍ବରୁ ମନୋନୀତ ୨୫ ଛାତ୍ରୀ ଓ ୨୫ ଛାତ୍ର ଅଂଶ ଗ୍ରହଣ କରିଛନ୍ତି। ଛାତ୍ରୀଙ୍କ ଦଳ ଡାହିବାଡି ଗ୍ରାମରେ ଏବଂ ଛାତ୍ରଙ୍କ ଦଳ ନଛିପୁରିଆ ଗ୍ରାମରେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସେବାମୂଳକ କାର୍ଯ୍ୟ କରିବେ ବୋଲି ସ୍ଥିର ହୋଇଛି।

## ଫୁଟ୍‌ବଲ ଟୁର୍ନାମେଣ୍ଟ, ଯୋଗନୀଖୁଣ୍ଟା ଚାମ୍ପିୟନ

**ଖୁଣ୍ଟା,୨୧।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ଛତ୍ରମା ଗ୍ରାମରେ ବାବା ଛତରେଶ୍ୱର ଯୁବକ ସଂଘ ପକ୍ଷରୁ ୧୮ତମ ବାର୍ଷିକ ୨ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୬ଟି ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲେ। ଯୋଗନୀଖୁଣ୍ଟା ଓ କହ୍ନେଇବନ୍ଧ ଫୁଟବଲ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଯୋଗନୀଖୁଣ୍ଟା ଦଳ କହ୍ନେଇବନ୍ଧ ଦଳକୁ ୭-୬ ଗୋଲ ବ୍ୟବଧାନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ଏହି ଅବସରରେ ସଙ୍ଘର ସଭାପତି ବାଘରାୟ କିସ୍କୁଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ସଭା ହୋଇଥିଲା।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଇଟାଭାଟି ଯାଞ୍ଚ

**ସୋର, ୨୧।୧୨(ଡି.ଏନ.ଏ.)**

ସୋର ତହସିଲ ଅନ୍ତର୍ଗତ ଶନିବାର ବିଭିନ୍ନ ପଞ୍ଚାୟତର ୩ଟି ଇଟା ଭାଟିରେ ପ୍ରଦୂଷଣ ବୋର୍ଡ ଓ ରାଜସ୍ୱ ବିଭାଗ ପକ୍ଷରୁ ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଇଛି। ଖୁଣ୍ଟାପାଟଣା ଗ୍ରାମର ଗଙ୍ଗା, ଚମ୍ପୁ ଗ୍ରାମର ବିଆରଜି ଓ ମହୁମୁହାଣ ଗ୍ରାମର ତ୍ରାହି ଅଚ୍ୟୁତଙ୍କ ନାମରେ ଥିବା ଚିମିନି ଇଟା ଭାଟିରେ ଏହି ଯାଞ୍ଚ କରାଯାଇଥିଲା। ପ୍ରଦୂଷଣ ବୋର୍ଡର ସହକାରୀ ଇଂ ସନ୍ଧ୍ୟାଯାନୀ ମାରାଣ୍ଡି, ସୋର ତହସିଲଦାର ଦେବୀପ୍ରସାଦ ଦାଶ, ମଙ୍ଗଳପୁର ସର୍କଲ ରାଜସ୍ୱ ନିରୀକ୍ଷକ ଶ୍ୟାମସୁନ୍ଦର ମାରାଣ୍ଡି, ଦହିସଡା ରାଜସ୍ୱ ନିରୀକ୍ଷକ ଶୁଭେନ୍ଦୁ ନାୟକ ପ୍ରମୁଖ ପୋଲିସ ଫୋର୍ସ ଉପସ୍ଥିତିରେ ପରିବେଶ ବିଭାଗର ଅନୁମତିପତ୍ର, ଇଟା ପୋଡିବା କ୍ଷମତା ଆଦିର ଯାଞ୍ଚ କରାଯାଇଥିଲା।

# ମୟୂରଭଞ୍ଜ ପୁସ୍ତକ ମେଳା ଉଦ୍‌ଘାଟିତ

**ବାରିପଦା ଅଫିସ,୨୧।୧୨**

ବାରିପଦାଠାରେ ଅଷ୍ଟମ ମୟୂରଭଞ୍ଜ ପୁସ୍ତକ ମେଳା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଆୟୋଜିତ ଏହି ପୁସ୍ତକ ମେଳାକୁ ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ପୂର୍ବତନ ସଚିବ ଡ. ଅରୁଣ କୁମାର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମାଜର ସାମଗ୍ରିକ ବିକାଶ ଏବଂ ପାଠକ ସଂଖ୍ୟା ବୃଦ୍ଧି ଲାଗି ଏଭଳି ପୁସ୍ତକ ମେଳାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ମେଳା କମିଟିର ସଭାପତି ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ହରୀଶ ଚନ୍ଦ୍ର ବେହେରା ଓ ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ କବି ଫନୀ ମହାନ୍ତି ଓ ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ଯୋଗ ଦେଇଥିଲେ। ପୁସ୍ତକ ମେଳା କମିଟିର ସମ୍ପାଦକ ଇଂ. ମନୋଜ ଦଳବେହେରା ବିବରଣୀ ପାଠ କରିଥିଲେ। ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଆଇନଜୀବୀ କାବେରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଜିତ କୁମାର କବାଟ, ଜୟନ୍ତ କୁମାର ଦ୍ୱାରୀ, କୈବଲ୍ୟ ପ୍ରସାଦ ମହାପାତ୍ର, ବିଶେଶ୍ୱର ଦ୍ୱିବେଦୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନଯୋଡା ବାଳିକା ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ପଣ୍ଡିତ ଭାଗବତ ପଣ୍ଡା ଓ ଡ. ଶିବ ପାଣିଗ୍ରାହୀ ବେଦ ପାଠ କରିଥିଲେ।



ପୁସ୍ତକ ମେଳା ଉଦ୍‌ଘାଟନ ସମାରୋହରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ପ୍ରଧାନ ଶିକ୍ଷକ ନିଲମ୍ବିତ, ୩ ଶିକ୍ଷକଙ୍କ ଦରମା ବନ୍ଦ

**ସଜନାଗଡ଼, ୨୧।୧୨(ଡି.ଏନ.ଏ.)**

ନୀଳଗିରି ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଭଗୀରଥ ଗିରି ଗତ ମଙ୍ଗଳବାର ଅଚାନକ ବିଭିନ୍ନ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ଆମ୍ବଝର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଣ୍ଡେ ସିଂ ଛୁଟି ଦରଖାସ୍ତ ନ ଦେଇ ଅନୁପସ୍ଥିତ ଓ ବିଭିନ୍ନ ଅନିୟମିତତା ନେଇ ବିଇଓ ଭଗୀରଥ ଗିରି ତାଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ସେହିପରି ବିଭିନ୍ନ ସ୍କୁଲର ଶିକ୍ଷକଙ୍କ ଅନିୟମିତତା ନେଇ ୩ଜଣ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଛି। ଅନ୍ୟ ୫ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ବିଇଓ ସୂଚନା ଦେଇଛନ୍ତି।

# ବିଭିନ୍ନ କଲେଜରେ ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ଯାଞ୍ଚ

**ବାଲେଶ୍ୱର ଅଫିସ, ୨୧।୧୨**

ଭାରତ ସରକାରଙ୍କ ଯୁବନୀତି ୨୦୧୩ ଅନୁଯାୟୀ ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲା ଏଫଏମ୍ କନିଷ୍ଠ ମହାବିଦ୍ୟାଳୟ ତରଫରୁ ଯୁକ୍ତ ୨ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ରୀ ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ଜିଲାସ୍ତରୀୟ ଯାଞ୍ଚ ହୋଇଥିଲା। ନୋଡ଼ାଲ ଅଧ୍ୟକ୍ଷ ପର୍ଶୁରାମ ଜେନାଙ୍କ ତତ୍ତ୍ୱାବଧାନରେ ଯାଞ୍ଚ ଟିମ୍ ବିଭିନ୍ନ ମହାବିଦ୍ୟାଳୟ ପରିଦର୍ଶନ କରି ଯାଞ୍ଚ କରିଥିଲେ। ଜିଲା ସଂଯୋଜକ ଡ. ସନ୍ତୋଷ କୁମାର ରାଉତ, ନୋଡାଲ ପ୍ରୋଗ୍ରାମ ଅଫିସର ଡ. ତପସ୍ୱିନୀ ନାଏକ, ଅଧ୍ୟାପିକା ସୁଲୋଚନା ସିଂ, ମୁଖ୍ୟ କିରାଣି ବଳରାମ ନାଏକ ଏବଂ ନୋଡ଼ାଲ ସାମ୍ସ ଡିଇଓ



ଛାତ୍ରୀ ଆତ୍ମସୁରକ୍ଷା କାର୍ଯ୍ୟକ୍ରମରେ ନିୟୋଜିତ ଯାଞ୍ଚ ଟିମ।

ଅତନୁ କୁମାର ସାହୁ ପ୍ରମୁଖ ଗତ ୧୩ରୁ ୨୦ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ କନିଷ୍ଠ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ତଦାରଖ କରିଥିଲେ। ସୂଚନା ଅନୁଯାୟୀ ଜିଲାରେ ଯୁକ୍ତ ୨ ସ୍ତରରେ ଅଧିକାଂଶ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ସଫଳ ଭାବରେ ଚାଲିଛି। କେତେକ ମହାବିଦ୍ୟାଳୟରେ ପ୍ରଶିକ୍ଷକଙ୍କ ଅଭାବ ଯୋଗୁ କାର୍ଯ୍ୟକ୍ରମ ବିଳମ୍ବ ହେଉଛି। ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲରେ ଟ୍ରେନିଂ ପରେ ଉକ୍ତ ମହାବିଦ୍ୟାଳୟଗୁଡ଼ିକୁ ମାଷ୍ଟରଟ୍ରେନର ଯୋଗାଇଦେବା ପରେ ସମସ୍ତ ମହାବିଦ୍ୟାଳୟରେ କାର୍ଯ୍ୟକ୍ରମ ସୁରୁଖୁରୁରେ ଚାଲିବ ବୋଲି ଜିଲା ସଂଯୋଜକ ଡ. ରାଉତ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ଡିସେମ୍ବର ୨୨/୨୦୧୯ Balasore, Sunday, December 22/2019

# ଗ୍ରାହକଙ୍କଠାରୁ ୨ କୋଟିରୁ ଊର୍ଦ୍ଧ୍ୱ ଠକେଇ

## ରାତାରାତି ଠକ ସଂସ୍ଥା ଫେରାର

**ବାସୁଦେବପୁର, ୨୧।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବଜାର ସଂଲଗ୍ନ ବ୍ଲକ ରୋଡ୍ ଶେଷ ଭାଗରେ ଏକ ସଂସ୍ଥା ଗତ ନଭେମ୍ବରରେ ଦୋକାନ ଖୋଲି ଘରୋଇ ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଦେବା ଆଳରେ ଗ୍ରାହକଙ୍କଠାରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ଦୋକାନୀ ଦୋକାନରେ ତାଲା ପକାଇ ଫେରାର ହୋଇଯାଇଛନ୍ତି। ଶନିବାର ସକାଳେ ଦୋକାନ ନ ଖୋଲିବାରୁ ଲୋକେ ସନ୍ଦେହ କରିଥିଲେ। ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଗ୍ରାହକ ପୂର୍ବାହ୍ନରେ ଏହି ଦୋକାନକୁ ସାମଗ୍ରୀ ନେବାକୁ ଆସି ନିରାଶ ହୋଇ ହୋହଲ୍ଲା କରିବା ପରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ କରି ବାସୁଦେବପୁର ଥାନା ଆଇଆଇସି ମଧୁମିତା ମହାନ୍ତିଙ୍କ ସମେତ



ପୋଲିସ ଉତ୍ତ୍ୟକ୍ତ ଗ୍ରାହକଙ୍କୁ ବୁଝାଉଛି।

ଅନ୍ୟ ପୋଲିସ କର୍ମଚାରୀମାନେ ସେଠାରେ ପହଞ୍ଚି ଠକାମିର ଶିକାର ହୋଇଥିବା ଗ୍ରାହକଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ଲୋକଙ୍କ ଦାବି ମୁତାବକ ପୋଲିସ ଉକ୍ତ ଦୋକାନରେ ତାଲା ପକାଇ ସିଲ୍ କରିଛି। ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ ଲିଖିତ ଭାବେ ଅଭିଯୋଗ କରାଯାଇ ନାହିଁ।

ପ୍ରକାଶ ଯେ, ଉକ୍ତ ଦୋକାନ ତଥା ସଂସ୍ଥା ମାଲିକଙ୍କ ନାମ ଠିକ୍ ଜଣାପଡ଼ି ନ ଥିବାବେଳେ ତାଙ୍କ ଘର ରାଜ୍ୟ ବାହାରେ ବୋଲି ଜାଣିବାକୁ ମିଳିଛି। ଦୋକାନ କରିବାକୁ ଆସିଥିବା ୨/୩ ଜଣ ବ୍ୟକ୍ତି ନଭେମ୍ବରରେ ଏଠାରେ ଏକ ଘର ଭଡ଼ାରେ ନେଇ ଅର୍ଡର ସପ୍ଲାଏ ଆରମ୍ଭ କରିଥିଲେ। ଲୋକଙ୍କୁ କମ୍ ଦରରେ କିସ୍ତିରେ ତଥା ଟଙ୍କା ଦେବାର ୧୨ ଦିନ ପରେ ସାମଗ୍ରୀ ମିଳିବାର ପ୍ରତିଶ୍ରୁତି ଦେଇଥିଲେ। ଗ୍ରାହକମାନେ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଦେଇଛନ୍ତି। ଏତେ ପରିମାଣର ଟଙ୍କା ଠୁଳ କରିନେବା ପରେ ଉକ୍ତ ସଂସ୍ଥା ଫେରାର ହୋଇଯାଇଛି। ତେବେ ପୋଲିସ ଠକ ସଂସ୍ଥା ଓ ମାଲିକଙ୍କୁ ତୁରନ୍ତ ଠାବ କରି ଗିରଫ କରିବାକୁ ଗ୍ରାହକମାନେ ଦାବି ଜଣାଇଛନ୍ତି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଜଳେଶ୍ୱର, ୨୧।୧୨(ଡି.ଏନ.ଏ.)**

ଜଳେଶ୍ୱର-ରାଜଘାଟ ରାସ୍ତାର ମହମ୍ମଦନଗର ପାଟଣା ନିକଟରେ ଥିବା ଚର୍ଚ୍ଚ ନିକଟରେ ଜଣେ ଯୁବକ ଦ୍ରୁତଗତିରେ ବାଇକ ଚଲାଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାଖ ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଜିକେ ଭଞ୍ଜର ହସପିଟାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ଜଳେଶ୍ୱର ପୌରାଞ୍ଚଳ ନନ୍ଦିକା ଗ୍ରାମର ଅଭିମନ୍ୟୁ ଭଞ୍ଜଙ୍କ ପୁଅ ଚନ୍ଦନ ଭଞ୍ଜ (୩୮)। ସେ ଜଳେଶ୍ୱର ପରିବା ମାର୍କେଟରେ ପରିବା ବ୍ୟବସାୟ କରୁଥିଲେ।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ପର୍ଯ୍ୟଟକଙ୍କ ମନମୋହୁଛି 'ଗୁରୁବେଡ଼ା'

ମାନସ ମହାନ୍ତି

ଯୋଡ଼ା, ୨୧।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ବ୍ଲକର ଜଜାଙ୍ଗ ପଞ୍ଚାୟତର ବୈତରଣୀ ନଦୀ ଅବବାହିକାରେ ଅବସ୍ଥିତ ଗୁରୁବେଡା ପିକ୍‌ନିକ୍ ସ୍ପଟ। ଜଙ୍ଗଲ ଓ ପାହାଡଘେରା ପରିବେଷ୍ଟିତ ଏହି ପିକ୍‌ନିକ୍ ସ୍ପଟର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନେକଙ୍କୁ ଆକର୍ଷିତ କରିଥାଏ । ପ୍ରତ୍ୟେକ ବର୍ଷ ଅନେକ ସମୟରେ ପ୍ରକୃତିପ୍ରେମୀ ତଥା ପର୍ଯ୍ୟଟକମାନେ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ମନୋରମ ପରିବେଶର ମଜା ନେବା ପାଇଁ ଆସୁଥିଲେ ହେଁ, ଶୀତ ଦିନରେ ମୁଖ୍ୟତଃ ପିକ୍‌ନିକ୍ କରିବାକୁ ପର୍ଯ୍ୟଟକଙ୍କର ସୁଅ ଛୁଟିଥାଏ। ଯୋଡ଼ା ସହରଠାରୁ ପ୍ରାୟ ୬ କି.ମି. ଦୂରରେ ଥିବା ଏହି ପିକିନିକ୍ ସ୍ପଟରେ ରହିଛି ବୈତରଣୀ ନଦୀର ଜଳ ପ୍ରବାହ। ଗୁରୁବେଡା ଜଙ୍ଗଲ ମଧ୍ୟରେ ପଥର ବେଷ୍ଟିତ ବୈତରଣୀ ନଦୀର କୁଲୁକୁଲୁ ଶବ୍ଦ ଭରା ନୀଳ ସବୁଜ ଜଳପ୍ରବାହର ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ୍ ବିମୋହିତ କରିଥାଏ।



ଗୁରୁବେଡା ପିକ୍‌ନିକ୍ ସ୍ପଟ୍।

ବଣଭୋଜି ପାଇଁ ଏହି ପିକ୍‌ନିକ୍ ସ୍ପଟ୍‌ଟି ଅତ୍ୟନ୍ତ ଉପଯୋଗୀ ହୋଇଥିବାରୁ ଏଠାକୁ ପ୍ରତିବର୍ଷ ନଭେମ୍ବର ମାସରୁ ଜାନୁୟାରୀ ମାସ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥାଏ । ଏଠାକୁ ଟ୍ରେନ ଯୋଗେ ଆସିଲେ ବାଂଶପାଣି ରେଳ ଷ୍ଟେଶନରେ ଓହ୍ଲାଇ ଅଟୋ ଯୋଗେ ରାଜ୍ୟ ରାଜପଥ ନଂ ୨ ତଥା ଯୋଡା-ବାମେବାରୀ ରାସ୍ତାରେ ୩କି.ମି. ଯିବା ପରେ ଗୁରୁବେଡା ଛକଠାରୁ ବାମପାର୍ଶ୍ୱକୁ ଯାଇ ପ୍ରାୟ ୨ କ.ମି ଅତିକ୍ରମ କରିବା ପରେ ଏହି ପିକ୍‌ନିକ୍ ସ୍ପଟରେ ପହଞ୍ଚି ହୁଏ। ସେହିପରି ବସ୍ ଯୋଗେ ଆସିବାକୁ ହେଲେ ଯୋଡାସହରର ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ସେଠାରୁ ଅଟୋ କରି ୪ କି.ମି. ରାଜ୍ୟ ରାଜପଥ ନଂ ୨ ତଥା ଯୋଡା-ବାମେବାରୀ ରାସ୍ତାରେ ଯିବା ପରେ ଗୁରୁବେଡା ଛକଠାରୁ ବାମପାର୍ଶ୍ୱକୁ ଯାଇ ପ୍ରାୟ ୨କ.ମି ଅତିକ୍ରମ କରିବା ପରେ ଏହି ସ୍ଥାନରେ ପହଞ୍ଚି ହେବ ।

## ସଂକ୍ଷେପରେ

### କୂଅରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

କେନ୍ଦୁଝର, ୨୧।୧୨(ସ୍ୱ.ପ୍ର.)- ହରିଚନ୍ଦନପୁର ଥାନା ଜାମଜୋଡି ପଞ୍ଚାୟତ ଅନ୍ତର୍ଗତ ମାନପୁର ଗ୍ରାମର ଏକ କୂଅରୁ ଶନିବାର ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବୃଦ୍ଧ ଜଣକ ହେଲେ ମାନପୁର ଗ୍ରାମର ଲକ୍ଷ୍ମଣ ନାଏକ(୫୫)। ମିଳିଥିବା ସୂଚନା ମୁତାବକ ଲକ୍ଷ୍ମଣ ପାରିବାରିକ ଅଶାନ୍ତି କାରଣରୁ ଗତ ବୁଧବାର ଠାରୁ ନିଖୋଜ ଥିଲେ। ଗତ ଶୁକ୍ରବାର ସନ୍ଧ୍ୟାରେ ଗ୍ରାମବାସୀ ଗ୍ରାମର ଏକ କୂଅରେ ଏକ ମୃତଦେହ ଭାସୁଥିବାର ଦେଖି ପୋଲିସକୁ ଖବର ଦେଇଥିଲେ। ଶନିବାର ସକାଳେ ପୋଲିସ ଗ୍ରାମରେ ପହଞ୍ଚି କୂଅରୁ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ପଠାଇଛି।

### ଭିଣୋଇ ଆକ୍ରମଣରେ ଶାଳୀ ଗୁରୁତର

ହାଟଡିହୀ,୨୧।୧୨(ଡି.ଏନ.ଏ.)- ହାଟଡିହୀ ବ୍ଲକର ଏକ ଅଂଚଳରେ ଅନୈତିକ ପ୍ରେମର କରୁଣ ପରିଣତି ଦେଖିବାକୁ ମିଳିଛି । ଖବରରୁ ଜଣାଯାଇଛି ଯେ ଭିଣୋଇ ଓ ଶାଳୀ ମଧ୍ୟରେ ପ୍ରେମ ସଂପର୍କରେ ଗଢିଉଠିଥିଲା କୌଣସି କାରଣରୁ ପ୍ରେମ ପରେ ଫାଟ ସୃଷ୍ଟି ହୋଇଥିଲା। ଶେଷରେ ଭିଣୋଇ ରାଗିଯାଇ ଗତ ଶନିବାର ଶାଳୀର ଗାଁକୁ ଯାଇଥିଲେ। ଶାଳୀ ସନ୍ଧ୍ୟା ସମୟରେ ଶୌଚ ହେବାକୁ ଆସିଥିବା ବେଳେ ଭିଣୋଇ ଏକ ଧାରୁଆ ଅସ୍ତ୍ରରେ ଶାଳୀ ଶରୀରର ବିଭିନ୍ନ ଅଂଶକୁ କାଟି ପକାଇଥିଲା। ଗୁରୁତର ଅବସ୍ଥାରେ ଶାଳୀ ଏବେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହେଉଛି । ନନ୍ଦିପଦା ପୋଲିସ ଭିଣୋଇକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଥିବା ପୋଲିସ ସୂତ୍ରରୁ ଜଣପଡିଛି ।

### ମଧ୍ୟାହ୍ନ ଭୋଜନରେ ମିଳିଲାନି ଅଣ୍ଡା

କେନ୍ଦୁଝର,୨୧।୧୨(ସ୍ୱ.ପ୍ର.)- କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନଇଗାଁ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନରେ ଖାଲି ଡାଲମା ଭାତ ଖାଇ ଘରକୁ ଫେରିଥିବା ଜଣାପଡ଼ିଛି । ସପ୍ତାହକୁ ୬ଦିନ ଅଣ୍ଡା ଦିଆଯିବା ନିୟମ ଥିଲେ ସୁଦ୍ଧା ଆଜି ଏଥିରେ ବ୍ୟତିକ୍ରମ ହୋଇଛି। ମଧ୍ୟାହ୍ନ ଭୋଜନ ଦାୟିତ୍ୱ ନେଇଥିବା କେନ୍ଦୁଝରର ସମ୍ପୃକ୍ତ ସଂସ୍ଥା ଶନିବାର ଖାଲି ଡାଲମା ଭାତ ଦେଇ ନିଜ ଦାୟିତ୍ୱ ସମ୍ପନ୍ନ କରିଛନ୍ତି। ପିଲାମାନେ ଅଣ୍ଡା ନ ପାଇ ହତାଶ ହୋଇଥିବା ପ୍ରକାଶ କରିଛନ୍ତି । ତେବେ କାହିଁକି ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଏପରି ବ୍ୟତିକ୍ରମ ହୋଇଛି ତାହା ତଦନ୍ତ ସାପେକ୍ଷ। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ନଇଗାଁ ଗ୍ରାମବାସୀ ଦାବି କରିଛନ୍ତି ।

### ଜାତୀୟ ସେବା ଶିବିର ଉଦ୍‌ଘାଟିତ

ହାଟଡିହୀ,୨୧।୧୨(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଡଙ୍ଗ ଆଞ୍ଚଳିକ ମହାବିଦ୍ୟାଳୟରେ ଜାତୀୟ ସେବା ଶିବିର ଅଧକ୍ଷ ସୁବ୍ରତ କୁମାର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ସଂଯୋଜକ ଦୁର୍ଯ୍ୟୋଧନ ସାହୁ ଏହାକୁ ପରିଚାଳନା କରିଥିଲେ । ଏଥିରେ ୨୫ଜଣ ଛାତ୍ର ଭାଗ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ୭ଦିନ ଧରି ଚାଲିଥିବା ବେଳେ ଜାବିନପୁର ସ୍କୁଲକୁ ପ୍ରକଳ୍ପ ବିଦ୍ୟାଳୟ ଭାବେ ନିଆଯାଇଛି। ଅନାଥ ଚରଣ ସେଠୀ, ଅତୁଲ ଚରଣ ଜେନା, ଆଲୋକ ଭୋଇ, ତ୍ରିଲୋଚନ ରାଉଳ, ବିଷ୍ଣୁ ଚରଣ ମହାରଣା, ପୁଷ୍ପିତା ପହି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଲକ୍ଷ୍ମୀପଶି ହୁଡିରେ ଚଢ଼ାଉ ପଥର ସହ ୨ ଟ୍ରାକ୍ଟର ଜବତ

ଚମ୍ପୁଆ,୨୧।୧୨(ଡି.ଏନ.ଏ)- ବାରମ୍ବାର ରାଜସ୍ୱ ବିଭାଗ ଆଖିରେ ଧୂଳି ଦେଇ ପଥର ଓ ବାଲି ଚୋରା କାରବାର ବଢୁଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ରୁକ୍ଷ ମନୋଭାବ ପୋଷଣ କରାଯାଇଛି। କିଛିଦିନ ପୂର୍ବରୁ ଏହି ପଥର ହୁଡି ଉପରେ ତହସିଲଦାର ଆଲୋକ ପଟେଲ ଚଢ଼ାଉ କରି ନିକଟସ୍ଥ କ୍ରସରକୁ ମୋଟା ଅଙ୍କର ଫାଇନ କରିଥିବା ବେଳେ ଶନିବାର ତହସିଲଦାର ପଟେଲ ଅଚାନକ ଉକ୍ତ ପଥର ହୁଡି ଉପରେ ଚଢ଼ାଉ କରି ଦୁଇ ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରିଛନ୍ତି। ସେହିପରି ବାଲି ମାଫିଆ ମାନେ ବିଭାଗ ଆଖିରେ ଧୂଳି ଦେଇ ଚୋରା ଚାଲାଣ କରୁଥିବା ବେଳେ ତାଙ୍କ ପାଇଁ ଏହା ସତର୍କ ଘଣ୍ଟି ବୋଲି ବିଭାଗ ସୂତ୍ରରୁ ପ୍ରକାଶ।

# ଜିଲାସ୍ତରୀୟ ଶିଶୁ ଉତ୍ସବ ଆରମ୍ଭ



ଶିଶୁ ଉତ୍ସବରେ ଉପସ୍ଥିତ ଅତିଥି।

ଢେଙ୍କିକୋଟ, ୨୧।୧୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଓଷ୍ଟା ତରଫରୁ ଶନିବାର ଅପରାହ୍ନରେ ୩୮ତମ ଜିଲାସ୍ତରୀୟ ଶିଶୁଉତ୍ସବ ଢେଙ୍କିକୋଟ ହାଇସ୍କୁଲ ପରିସର ମଧ୍ୟରେ ଉଦ୍‌ଘାଟନ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବ ନିମନ୍ତେ ଆୟୋଜିତ ସଭାରେ ଜିଲା ଓଷ୍ଟା ସଭାପତି ଶାନ୍ତନୁ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଘସିପୁରା ନିର୍ବାଚନମଣ୍ଡଳୀର ବିଧାୟକ ବଦ୍ରୀନାରାୟଣ ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଓଷ୍ଟା ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଉପସ୍ଥିତ ଥିବାବେଳେ ସମ୍ମାନନୀୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର, ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ସାମଲ, କେନ୍ଦୁଝର ଜିଲା ଗର୍ବ ଗୌରବ ପଦ୍ମଶ୍ରୀ ଦୈତାରୀ ନାଏକ, ଓଷ୍ଟା ଶିକ୍ଷାପ୍ରଦୀପର ସମ୍ପାଦକ ଭିକାରୀ ଚରଣ ସାହୁ, ସ୍ଥାନୀୟ ସରପଞ୍ଚ ଗୌରୀବାରିକ, ସତ୍ୟନାରାୟଣ ବିଦ୍ୟାପୀଠ ପରିଚାଳନା କମିଟିର ସଦସ୍ୟ ଶିକ୍ଷାବିତ୍ କୁଳମଣି ମଣ୍ଡଳ ପ୍ରମୁଖ ଯୋଗଦେଇଥଲେ। ଜିଲା ଓଷ୍ଟା ସମ୍ପାଦକ କ୍ଷୀରୋଦ କୁମାର ରାଉତ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ କେନ୍ଦୁଝର ଜିଲା ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ଓ ସତ୍ୟନାରାୟଣଙ୍କ ଫଟୋଚିତ୍ରରେ ଧୂପଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରିବା ସଙ୍ଗେ ସଙ୍ଗେ ଓଷ୍ଟା ସଂଘର ସ୍ୱର୍ଗତ ଲକ୍ଷ୍ମୀଧର ପୃଷ୍ଟି ଓ କୈଳାସ ଚନ୍ଦ୍ର ସାହୁ ଦୁଇ ବରିଷ୍ଠ ପୂର୍ବତନ କାର୍ଯ୍ୟକର୍ତ୍ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଅତିଥିମାନେ ଜିଲାର ବିଭିନ୍ନ ପ୍ରାନ୍ତରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବରେ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇ ଆସିଥିବା ଛାତ୍ରୀଛାତ୍ରଙ୍କୁ ଏଠାରେ ହେବାକୁ ଥିବା ଦୁଇଦିନିଆ ଜିଲାସ୍ତରୀୟ ଶିଶୁ ଉତ୍ସବରେ ଉକ୍ତ ବିଭାଗମାନଙ୍କରେ ଭାଗ ନେଇ ରାଜ୍ୟସ୍ତରୀୟ ଶିଶୁ ଉତ୍ସବକୁ ଉତ୍ତୀର୍ଣ୍ଣ ହେବାପାଇଁ ଉନ୍ନତରୁ ଉନ୍ନତ ଚିନ୍ତା କରିବା ପାଇଁ ଆଶୀର୍ବାଦ କରିଛନ୍ତି। ଶିଶୁ ହସିଲେ ଦୁନିଆଁ ହସିବ ଆଜିର ଶିଶୁ କାଲିର ନାଗରିକ ବୋଲି କହିଥିବାବେଳେ ଶିଶୁମୁହଁରେ ହସଫୁଟାଇବା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ କେନ୍ଦୁଝର ତରଫରୁ ଏହା ଏକ ପ୍ରୟାସ ଜାରି ବୋଲି କହିଛନ୍ତି। ଶେଷରେ ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## 'କ୍ରୀଡ଼ା ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ'

ହାଟଡିହୀ,୨୧।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ଓରାଳି ହାଇସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଆନନ୍ଦ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନିରଞ୍ଜନ ନାୟକ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ସୁଦର୍ଶନ ସେଠୀ ଯୋଗ ଦେଇଥିଲେ। ଶିକ୍ଷକ ଦୁର୍ଯ୍ୟୋଧନ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଚିନ ଦେବ ରାଉତ କ୍ରୀଡା ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ବିଦ୍ୟୁଲତା ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଦ୍ୟାଭାରତୀ ବେହେରା, ଜୟଶ୍ରୀ ଜେନା, ଜିତ୍ ରଞ୍ଜନ ବେହେରା, ସନ୍ତୋଷ କୁମାର ଧଳ, ଗଙ୍ଗାଧର ସାହୁ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଅଧିକାରୀଙ୍କ ଅଚାନକ ପରିଦର୍ଶନ

ଆନନ୍ଦପୁର, ୨୧।୧୨(ସ୍ୱ.ପ୍ର.)

ଆନନ୍ଦପୁର ସରକାରୀ ଆଇଟିଆଇକୁ ଡାଇରେକ୍ଟର ଅଫ୍ ଟେକ୍‌ନିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ (ଡିଟିଇ ଆଣ୍ଡ ଟି) ଓଡିଶା ନିର୍ଦ୍ଦେଶକ ଅଚାନକ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ବିଲ୍ଡିଂ ମେଣ୍ଟେନାନ୍ସ ଡେପୁଟି ନିର୍ଦ୍ଦେଶକ ଶିବ ପ୍ରସାଦ ମଲ୍ଲିକ ଏବଂ ଇଡକୋ ଟିମ୍ ମଧ୍ୟ ଆଇଟିଆଇକୁ ପରିଦର୍ଶନ କରିଛନ୍ତି। ଆଇଟିଆଇର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଏହି ଟିମ୍ ପରିଦର୍ଶନ କରିଥିବା ଜଣାପଡିଛି। ଏହି ପରିଦର୍ଶନ ସମୟରେ ଆନନ୍ଦପୁର ଆଇଟିଆଇର ଅଧକ୍ଷ ଶରତ ଚନ୍ଦ୍ର ବିଶ୍ୱାଳ ବିଭିନ୍ନ ଛାତ୍ରୀଛାତ୍ରଙ୍କ ତାଲିମ ପାଇଁ ନିର୍ମାଣ ହୋଇଥିବା ବିଭିନ୍ନ ଗୃହ ବୁଲାଇ ଦେଖାଇଥିଲେ। ଏହି ସମୟରେ ଆଇଟିଆଇର ତାଲିମ ଅଫିସର ଅଜୟ ଓଝା, ତାଲିମ ପ୍ରଦାନ କରୁଥିବା ଶିକ୍ଷା କର୍ମଚାରୀ ଦିପ୍ତିରଞ୍ଜନ ଜେନା, ପ୍ରକାଶ ରାଉତ, ପ୍ରଦୀପ ସାହୁ, ମନୋରଞ୍ଜନ ମହାରଣା, ପୁଷ୍ପଲତା ବେହେରା, ଉତ୍ତମ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଆନନ୍ଦପୁର ସରକାରୀ ଆଇଟିଆଇକୁ ଡିଟିଇ ଆଣ୍ଡ ଟି ଟିମ୍ ପରିଦର୍ଶନ କରୁଛନ୍ତି।

# ଜଙ୍ଗଲରୁ ବଢ଼ି ଚାଲିଛି ବେଆଇନ ମୋରମ ଖନନ

ତେଲକୋଇ,୨୧।୧୨(ଡି.ଏନ.ଏ.)

ତେଲକୋଇ ବ୍ଲକ ଅଧୀନ ସଲେଇକେନା ପଞ୍ଚାୟତର ଭାଡିମରା ଗ୍ରାମ ଜଙ୍ଗଲରୁ ବ୍ୟାପକ ମୋରମ ମେଶିନ ମାଧ୍ୟମରେ ଖୋଳାଯାଉଛି। ଏଥିଯୋଗୁ ଗ୍ରାମ ଜଙ୍ଗଲରୁ ମୂଲ୍ୟବାନ ଗଛ ନଷ୍ଟ ହେଉଛି। ଏନେଇ ସ୍ଥାନୀୟ ସରପଞ୍ଚ ରିଙ୍କୁ ନାଏକଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରି ମୋରମ ଖାଦାନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ୨ କି.ମି. ଦୂରରେ ୪୯ ନଂ. ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଭାଡିମରା ଗ୍ରାମ ଜଙ୍ଗଲରୁ ମୋରମ ଖନନ ଯୋଗୁ ଜଙ୍ଗଲ ନଷ୍ଟ ହେଉଥିବା ଦର୍ଶାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ଅଶ୍ୱିନୀ କୁମାର ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ ଏହାର ତଦନ୍ତ କରାଯାଇ ସଂପୃକ୍ତ ମୋରମ ଉତ୍ତୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଡମ୍ପିଂୟାର୍ଡର ମାନ ତଦାରଖ କଲେ ଉପଜିଲାପାଳ

ଚମ୍ପୁଆ, ୨୧।୧୨(ଡି.ଏନ.ଏ.)

ବାରମ୍ବାର ଡମ୍ପିଂ ୟାର୍ଡ ପାଇଁ ବିରୋଧ ପରେ ଉପଜିଲାପାଳ ପ୍ରତାପ ପ୍ରୀତିମୟ ୨ନଂ ୱାର୍ଡ ପାଞ୍ଚପୋଖରିଆର ଡମ୍ପିଂ ୟାର୍ଡ ସ୍ଥାନ ତଦାରଖ କରିଛନ୍ତି। ଏନଏସିରୁ ବାହାରୁଥିବା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଗୋଧୂଳିଠାରେ ପ୍ରସ୍ତାବିତ କରାଯାଇଥିବା ସ୍ଥାନକୁ ନଦୀ ଜଳ ପ୍ରଦୂଷିତ ହେବାର ଅଭିଯୋଗ କରି ୱାର୍ଡବାସୀମାନେ ବିରୋଧ କରିଥିଲେ। ଫଳରେ ଉକ୍ତ ଡମ୍ପିଂ ୟାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ପରେ ପାଞ୍ଚପୋଖରିଆ ମୌଜା ପାହାଡ ନିକଟରେ କରାଯିବାକୁ ସ୍ଥାନ ନିରୂପଣ କରାଗଲା। ମାତ୍ର ଏହି ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟକୁ ଗ୍ରାମ ସଭାରେ ବିରୋଧ କରାଯାଇଥିଲା। ଶନିବାର ଉପଜିଲାପାଳ ଓ ଭାରପ୍ରାପ୍ତ ଏନଏସି ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶି ପ୍ରସ୍ତାବିତ ସ୍ଥାନ ତଦାରଖ କରିବା ସହିତ ଉକ୍ତ ସ୍ଥାନରୁ ଅନତିଦୂରରେ ଏହା କରିବାକୁ ନିଷ୍ପତ୍ତି ନେଇଥିବା ଜଣାଯାଇଛି।

# ଭିଜିଲାନ୍ସ ଜାଲରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ

ଆନନ୍ଦପୁର/ଘସିପୁରା, ୨୧।୧୨(ସ୍ୱ.ପ୍ର./ଡି.ଏନ.ଏ.)

ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବଳ ପଣ୍ଡାଙ୍କ ସରକାରୀ ବାସଭବନ, କାର୍ଯ୍ୟାଳୟରେ ଭିଜିଲାନ୍ସ ବିଭାଗର ୨ଟି ୧୬ ଜଣିଆ ଟିମ୍ ଚଢାଉ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗର ଏହି ଚଢାଉ ହୋଇଥିବା ଜଣାପଡିଛି। ନିର୍ବାହୀ ଯନ୍ତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ନଥିପତ୍ର ଯାଞ୍ଚ କରାଯାଇଛି। ରାଉରକେଲା, ଭୁବନେଶ୍ୱର, ମାହାଙ୍ଗା, ସାକ୍ଷୀଗୋପାଳ ସହିତ ୯ଟି ସମ୍ପର୍କୀୟଙ୍କ ଘରେ ମଧ୍ୟ ଏକକାଳୀନ ଚଢାଉ ହୋଇଥିବା ସୂଚନା ମିଳିଛି।

# କାଠ ଚୋରା ଚାଲାଣ ବେଳେ ବନ ବିଭାଗର ଚଢ଼ାଉ



ଜବତ ପିଆଶାଳ କାଠ ଓ ପିକ୍‌ଅପ୍।

- ପିଆଶାଳ କାଠଗଣ୍ଡି ସହ ପିକ୍‌ଅପ୍ ଜବତ
- ଝାଡ଼ଖଣ୍ଡକୁ ଲମ୍ବିଛି ଚେର

ବଡବିଲ, ୨୧।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ବନ ବିଭାଗୀୟ ଅଧିକାରୀ ଶୁକ୍ରବାର ବିଳମ୍ବିତ ରାତିରେ କାଠ ଚୋରାଚାଲାଣ ହେଉଥିବା ଖବର ପାଇ ଏକ ପିଆଶାଳ କାଠଗଣ୍ଡି ବୋଝେଇ ପିକ୍‌ଅପ୍ ଗାଡିକୁ ଜବତ କରିଛି। ଜବତ କାଠଗଣ୍ଡିଗୁଡିକର ଆନୁମାନିକ ମୂଲ୍ୟ ପ୍ରାୟ ଦେଢଲକ୍ଷ ଟଙ୍କା ହେବ ବୋଲି ବଡ୍‌ବିଲ ଫରେଷ୍ଟର ଦଶରଥ ଗିରି ସୂଚନା ଦେଇଛନ୍ତି। କାଠଗୁଡିକ ସୁନ୍ଦରଗଡ ଜିଲା କାଲଟାରୁ ଝାଡଖଣ୍ଡ ରାଜ୍ୟ ମଝିଗାଁ ଅଭିମୁଖେ ଯାଉଥିବା ନେଇ ବନ ବିଭାଗ ସୂଚନା ପାଇ ଏହି ଚଢାଉ କରିଥିଲା ବୋଲି ଫରେଷ୍ଟର ଗିରି କହିଛନ୍ତି । ତେବେ ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଥିବାବେଳେ ସଂପୃକ୍ତ ଅଭିଯୁକ୍ତଙ୍କ ସୁରାକ ପାଇଥିବା ବନ ବିଭାଗ କହିଛି। ଜବତ ଜେଏଚ୦୫ଏଏଚ୩୮୪୩ ନମ୍ବର ବିଶିଷ୍ଟ ପିକ୍‌ଅପ ଗାଡିରେ ୨୮ ଖଣ୍ଡ ବିଶାଳ ଆକାରର ପିଆଶାଳ କାଠ ଗଣ୍ଡିକୁ ଜବତ କରିଥିବା ଜଣାପଡିଛି। ତେବେ ସୁନ୍ଦରଗଡ ଜିଲା କାଲଟାରୁ କିଭଳି କୋଇଡା ଥାନା, ରୁଗୁଡି ଥାନା ଦେଇ ଅତିକ୍ରମ କରିବାକୁ ସକ୍ଷମ ହେଲା ତାହା ଆଶ୍ଚର୍ଯ୍ୟାନ୍ୱିତ କରିଛି। ଚଢାଉ ବେଳେ ବନ ବିଭାଗୀୟ ଅନ୍ୟ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ପୃଥକ ପୃଥକ ଛକି ରହି ଏହି ଗାଡିଟିକୁ ଜବତ କରିବାକୁ ସକ୍ଷମ ହୋଇଥିବା ଜଣାପଡିଛି ।

# ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳିଙ୍କ ସହ ପାଟଣା ବିଧାୟକ।

ପାଟଣା, ୨୧।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଷ୍ଟାଡିୟମରେ ଶନିବାର ସନ୍ଧ୍ୟାରେ ସ୍ୱାମପାଟଣା କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନବ୍ୟାପୀ ହେଉଥିବା ଏହି ଟୁର୍ନାମେଣ୍ଟରେ ସାରା ଓଡିଶାରୁ ମୋଟ ୩୨ଟି ଦଳ ଅଂଶ ଗ୍ରହଣ କରିବେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗ ଦେଇ ଖେଳକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ଖେଳ ପ୍ରାରମ୍ଭରେ ବିଧାୟକ ଜଗନ୍ନାଥ ଓ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ, କ୍ଲବର କର୍ମକର୍ତ୍ତା ବିବେକାନନ୍ଦ ଦାଶ, ସୂର୍ଯ୍ୟଜ୍ୟୋତି ଦାଶ, ପ୍ରଶାନ୍ତ କୁମାର ଭଞ୍ଜ, ପ୍ରମୋଦ କୁମାର ଭଞ୍ଜ, ଦିଲୀପ କୁମାର ଦ୍ୱିବେଦୀ, ଦୀପକ କୁମାର ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ୱାମ ପାଟଣା କ୍ଲବର କର୍ମକର୍ତ୍ତାମାନେ ବିଧାୟକଙ୍କୁ ପାଟଣାରେ ଏକ ଇନଡୋର ଷ୍ଟାଡିୟମ ନିର୍ମାଣ କରିବାକୁ ଦାବି କରିଥିଲେ।

# ଯୋଡ଼ାରେ 'ମୋ ପୋଲିସ ସଚେତନତା'

ଯୋଡ଼ା, ୨୧।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରର ବାରୁ ହଟିଂଠାରେ ଶନିବାର ଅପରାହ୍ନ ୫ଟାରେ 'ମୋ ପୋଲିସ ସଚେତନତା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଡବିଲ ଏସଡିପିଓ ସତ୍ୟବିକାଶ ଭୂୟାଁ, ଯୋଡା ଥାନା ଅଧିକାରୀ ରାଇସେନ୍ ମୁର୍ମୁ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ସମ୍ପାଦକ ସୁଶାନ୍ତ ବାରିକ, ଖବରଦାତା ମାନସ ରଞ୍ଜନ ମହାନ୍ତି ଓ ନାରିନେତ୍ରୀ ଝୁନୁ କୌର ଯୋଗ ଦେଇଥିଲେ। ବାରୁ ହଟିଂର ଶତାଧିକ ମହିଳାପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୋଲିସ ବନ୍ଧୁ ଭଳି ଜନସାଧାରଣଙ୍କର ସେବା କରିବ ଓ ପୋଲିସକୁ ଭୟ ନ କରିବାକୁ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ଥାନାରେ କେହି ଅଭିଯୋଗ ନ ଶୁଣିଲେ ଥାନା ଅଧିକାରୀ ଏସଡିପିଓଙ୍କୁ ଜଣାଇବା ପାଇଁ ସାଧାରଣ ଲୋକଙ୍କୁ ସେମାନଙ୍କର ମୋବାଇଲ ନମ୍ବର ଦିଆଯାଇଥିଲା । ସେଠାରେ ଏସଡିପିଓ ଓ ଯୋଡା ଥାନା ଅଧିକାରୀ ସାଧାରଣ ଜନତାଙ୍କ ପ୍ରସ୍ତାବ ଏବଂ ଅଭିଯୋଗ ଶୁଣିଥିଲେ। ଆଗାମୀ ଦିନରେ ସାଧାରଣ ଲୋକମାନଙ୍କୁ ସଚେତନ କରିବା ପାଇଁ ଯୋଡା ସହରର ବିଭିନ୍ନ ବସ୍ତି ଓ ହଟିଂରେ ଏହି ଭଳି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଏସଡିପିଓ ସତ୍ୟ ବିକାଶ ଭୂୟାଁ ସୂଚନା ଦେଇଥିଲେ ।



ଗ୍ରାମବାସୀଙ୍କୁ ସଚେତନ କରାଯାଉଛି।

# ନାହାନ୍ତି ଡାକ୍ତର, ରୋଗୀ ହଇରାଣ

କେନ୍ଦୁଝର, ୨୧।୧୨(ସ୍ୱ.ପ୍ର.)

ଆଦିବାସୀ ଅଧ୍ୟୁଷିତ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି। ଏହି ଡାକ୍ତରଖାନାର ଇନଚାର୍ଜ ଏଠାରେ କମ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଧିକ ସମୟ ରୋଗୀ ସେବା କରୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକ କହିଛନ୍ତି। ଗତ ସେପ୍ଟେମ୍ବର ମାସ ୩୧ରେ ଉକ୍ତ ଇନଚାର୍ଜ ଦାୟିତ୍ୱ ନେବା ପରେ ତାଙ୍କ କାମକାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ଅନ୍ୟ କେତେକ ଡାକ୍ତର ଛୁଟିରେ ଚାଲିଯାଇଥିବାରୁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ସେହିପରି ଡାକ୍ତରଖାନାର ଇନଚାର୍ଜ ଏଠାରେ କମ ଓ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଧିକ ସମୟ କଟାଉଥିବା ଏପରିକି ଫାଇଲ ମଗାଇ ସେଠାରେ କାମ କରୁଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଶୁକ୍ରବାର ସାପ୍ତାହିକ ହାଟ ଦିନରେ ଦୂରଦୂରାନ୍ତ ଗ୍ରାମରୁ ହାଟକୁ ବହୁ ଲୋକ ଆସିଥାନ୍ତି । ଏଣୁ ଏହି ଦିନରେ ଡାକ୍ତରଖାନାରେ ଭିଡ ଜମିଥାଏ। ତେବେ ଉକ୍ତ ଦିନ ଡାକ୍ତର ନ ଥିବାରୁ ବହୁ ରୋଗୀ ନିରାଶ ହୋଇ ଫେରିଥିଲେ। ଅନ୍ୟମାନେ ଡାକ୍ତରଖାନରେ ଥିବା ଜଣେ ମାତ୍ର ଆୟୁଷ ରୋଗୀଙ୍କ ପାଖରେ ଭିଡ ଜମାଇଥିଲେ । ଡାକ୍ତର ନ ଥିବାରୁ ସ୍ତ୍ରୀ ଓ ପ୍ରସୂତି, ଶିଶୁ, ଦାନ୍ତ ଆଦି ବିଭାଗରେ ତାଲା ପଡୁଛି। ଆୟୁଷ ଡାକ୍ତର ରୋଗୀ ଚିକିତ୍ସା କରୁଥିବାରୁ ରୋଗୀ ମାନେ ବହୁ ଅସୁବିଧା ଭୋଗୁଥିବା ବେଳେ ଅନେକ ଚିକିତ୍ସା ପାଇଁ କେନ୍ଦୁଝର, ଘଟଗାଁ ଆଦି ଅଞ୍ଚଳକୁ ଅଯଥା ଖର୍ଚ୍ଚାନ୍ତ ହୋଇ ଯିବାକୁ ବାଧ ହେଉଥିବା କହିଛନ୍ତି। ଏଣୁ ଏନେଇ ଜିଲାପାଳ ପଦକ୍ଷେପ ନ ନେଲେ ସ୍ଥାନୀୟ ଲୋକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏ ନେଇ ଇନଚାର୍ଜଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ହେଁ ଫୋନ ଉଠାଇ ନ ଥିବାରୁ ମତାମତ ନିଆଯାଇ ପାରି ନ ଥିଲା । ଏନେଇ ସିଡିଏମଓ ଡକ୍ଟର ଅଶୋକ ଦାସ କହିଛନ୍ତି ଯେ ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁଁ ଏଭଳି ସମସ୍ୟା ଦେଖାଦେଉଛି । ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି। ଇନଚାର୍ଜ ଡାକ୍ତର ଦୁଇ ଜଣ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଦାୟିତ୍ୱରେ ଥିବା ସହ ପରିବାର ନିୟୋଜନ ଅପରେସନ କାମ ବିଭିନ୍ନ ଅଞ୍ଚଳ ବୁଲି କରୁଛନ୍ତି ।




ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ରୋଗୀଙ୍କ ଭିଡ଼।